Chapter-7

# ‘ଏ’(େ) କାର

## STUDY NOTES

### At a Glance:

‘ଏ’ କାର (େ) ମାତ୍ରାର ଚିହ୍ନଟ।

‘କ’ ପାଖରେ (େ) ଚିହ୍ନଟିଏ ଦେଲେ ତାହା ‘ଏ’ କାର ଯୋଗ ହେବ। ଏହିଭଳି ‘କ’ ଠାରୁ ‘ଳ’ ପର୍ଯ୍ୟନ୍ତ (େ) ଚିହ୍ନ ଦେଲେ ତାହା–

| | | | | | | | | | | |
|---|---|---|---|---|---|---|---|---|---|---|
| କେ | ଖେ | ଗେ | ଘେ | ଚେ | ଛେ | ଜେ | ଝେ | ଟେ | ଠେ | ଡେ |
| ଢେ | ଣେ | ତେ | ଥେ | ଦେ | ଧେ | ନେ | ପେ | ଫେ | ବେ | ଭେ |
| ମେ | ଯେ | ରେ | ଲେ | ଶେ | ଷେ | ସେ | ହେ | କ୍ଷେ | ୟେ | ଳେ |

ଉଚ୍ଚାରଣ ହେବ।

### ମାତ୍ରା ଯୋଗ ଅକ୍ଷର ଲିଖନ।

ଯଥା:– କ୍ + ଏ = କେ

ଖ୍ + ଏ = ଖେ

### ମାତ୍ରା ଯୋଗ ଶବ୍ଦ ଗଠନ ଓ ଉଚ୍ଚାରଣ।

| | | |
|---|---|---|
| ଖେଳ | ଦେଉଳ | ଆମଦେଶ |
| ବେଳ | ନେଉଳ | ବରବେଶ |
| ତେଲ | ଶେଉଳ | ସାଥୀମାନେ |
| ଲେଖ | ବିଲେଇ | ଖରାବେଳ |
| ମେଷ | ବିଦେଶ | ବେଲପଣା |
| ଦେବୀ | ଚଢ଼େଇ | ପରିବେଶ |
| ମେଳା | ବଢ଼େଇ | ଉପଦେଶ |

ODM EDUCATIONAL GROUP Changing your Tomorrow

| | | |
|---|---|---|
| ଦେଶ | ଗଣେଶ | ବେଳାଭୂମି |
| ଶେଷ | କଡ଼େଇ | |
| ଦେଖ | ସୁନେଲି | |

- **ଗୀତ ମାଧ୍ୟମରେ ‘ଏ’ କାର ଯୋଗର ପ୍ରୟୋଗ।**

i) ହାତେ କାମ କରେ, ପାଦ ଚାଲଇ,
ଆଖି ଦେଇ ଦେଖେ କାନେ ଶୁଣଇ।
ନାକେ ବାସନାଟି ଜଣାପଡ଼ଇ,
ଶୀତଳ ଗରମ ଚମେ ଜାଣଇ।
ଖଟା ମିଠା ଜିଭେ ବାରି ପାରଇ,
ଏଗୁଡ଼ିକ ନେଇ ଦେହ ଚଳଇ।

ii) କାଲିକାମ ଆଜି କର ଭାଇ
ଆଜି କାମ କର ଏବେ,
ମନେରଖ ପିଲାମାନେ ତୁମେ
ଏହା ଭୁଲିବନି କେବେ।

- **Learning Objective:**

‘ଏ’ (େ) କାର ଯୋଗର ବ୍ୟବହାର ଶିଖିବା।

## ତୁମ ପାଇଁ କାମ

**୧. ‘ଏ’ କାର ଲାଗିଥିବା ଶବ୍ଦଗୁଡ଼ିକୁ ଝୁଡ଼ିରେ ଥିବା ‘ଏ’ ଅକ୍ଷର ସହ ଗାର ଟାଣି ଯୋଡ଼ ।**

ବିଲେଇ

ଦେହ

ଗରମ




ବିଦେଶ

କେନାଲ

ଏଗାରଦେଶ

**୨. ‘ଏ’ କାର ଲଗାଇ ନୂଆ ଶବ୍ଦ ଲେଖ ।**

ଦଶ - ଦେଶ  
ବଶ - ବେଶ  
ବଳ - ବେଳ  
କଳା - କେଳା  
ଗଲ - ଗେଲ  
କଶ - କେଶ  
ଚଢ଼ଇ - ଚଢ଼େଇ  
ବଢ଼ଇ - ବଢ଼େଇ

**୩. ଇଂରାଜୀରୁ ଓଡ଼ିଆ କର ।**

Hair - କେଶ  
Temple - ଦେଉଳ  
Country - ଦେଶ  
Bird - ଚଢ଼େଇ  
Cat - ବିଲେଇ

**୪. ଉତ୍ତର କୁହ ।**

କ) **ନାକ ଦ୍ୱାରା କ’ଣ ଜଣାପଡ଼େ ?**

ଉ: ନାକ ଦ୍ୱାରା ବାସନା ଜଣାପଡ଼େ ।

ଖ) **କାହା ଯୋଗୁଁ ଆମେ ଶୀତଳ ଗରମ ଜାଣୁ ?**

ଉ: ଚର୍ମ ଯୋଗୁଁ ଆମେ ଶୀତଳ ଗରମ ଜାଣୁ ।

ଗ) **ଆମେ ଖଟାମିଠା କାହା ଦ୍ୱାରା ଜାଣୁ ?**

ଉ: ଆମେ ଖଟାମିଠା ଜିଭ ଦ୍ୱାରା ଜାଣୁ ।

# ବ୍ୟାକରଣ

**ସମାନ ଉଚ୍ଚାରଣ ଶବ୍ଦ ।**

ଖେଳ - ବେଳ

ତେଲ - ବେଲ

ଦେଖି - ଲେଖି

ଦେବା - ନେବା

କେଳା - ମେଳା

ରେଣୁ - ବେଣୁ

ଦେଉଳ - ନେଉଳ

ଚଢ଼େଇ - ବଢ଼େଇ

ଦେଶ - ବେଶ

♦♦♦